بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୪ ଅପ୍ରେଲ୍ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ଖୈବର୍ ଯୁଦ୍ଧ ଓ ୱାଦି ଉଲ୍ କୁରା ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ଏବଂ ମାନନୀୟ ମୌଲାନା ମୁହମ୍ମଦ କରିମୁଦ୍ଦିନ୍ ସାହେବ ଶାହିଦ୍ ସଦର୍ ସଦର୍‌ଅଞ୍ଜୁମନ୍ ଅହମଦିୟା ଭାରତଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଊଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଊଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର ଅ.ବ କହିଲେ; ରମଜାନ ମାସ ପୂର୍ବରୁ ହଜରତ ମୁହମ୍ମଦ ସ.ଅଙ୍କ କାଳରେ ସଙ୍ଘଟିତ ହୋଇଥିବା ଯୁଦ୍ଧ ଓ ଅଭିଯାନରେ ରହିଥିବା ମହାଭାଗଙ୍କ ଭୂମିକାର ଆଲୋଚନା ଚାଲିଥିଲା । ସେହି ପରିପ୍ରେକ୍ଷୀରେ ଖୈବର୍ ଯୁଦ୍ଧର ଘଟଣା ଚର୍ଚ୍ଚା ହେଉଥିଲା । ଆଜି ମଧ୍ୟ ମୁଁ ସେଥି ସଂକ୍ରାନ୍ତରେ କିଛି ବର୍ଣ୍ଣନା କରିବି । ଖୈବର୍ ଯୁଦ୍ଧର ବିଜୟ ଆନନ୍ଦ ସହିତ ହୁଜୁର ସ.ଅଙ୍କୁ ଆଉ ଏକ ମହାଆନନ୍ଦ ମଧ୍ୟ ଲାଭ ହୋଇଥିଲା, ଯେଉଁଥିପାଇଁ ହୁଜୁର ସ.ଅ କହିଲେ; ମୁଁ କହିପାରିବି ନାହିଁ ଯେ, ଖୈବର୍ ଯୁଦ୍ଧରେ ବିଜୟ ଫଳରେ ମୋତେ ଅଧିକ ଆନନ୍ଦ ଲାଭ ହୋଇଛି ଅବା ହଜରତ ଜାଫର୍ ର.ଅଙ୍କର ହବ୍‌ସାର ପ୍ରବାସକାରୀଙ୍କ ସହିତ ମଦିନା ଚାଲି ଆସିବା ଫଳରେ (ଅଧିକ ଆନନ୍ଦ ଲାଭ ହୋଇଛି) । ସୁଲହା ହୁଦେବିୟା ପରେ ହୁଜୁର ସ.ଅ ନଜାସୀଙ୍କ ନିକଟକୁ ଏକ ପତ୍ର ପ୍ରେରଣ କରିଥିଲେ ଯେ, ଏଯାବତ୍ ଯେତେ ସଂଖ୍ୟକ ପ୍ରବାସକାରୀ ହବ୍‌ସାରେ ରହିଯାଇଛନ୍ତି, ସେମାନଙ୍କୁ ମଦିନା ପ୍ରେରଣ କରିଦିଅନ୍ତୁ । ଅତଏବ ପରଦେଶରେ ଦୀର୍ଘ ୧୪/୧୫ବର୍ଷ ଅତିବାହିତ କରିବା ପରେ ସେହି ସାହାବିମାନେ ଦୁଇଗୋଟି ନୌକାରେ ଆରୋହଣ କରି ମଦିନା ଚାଲି ଆସିଲେ । ମଦିନାରେ ପହଞ୍ଚି ଯେତେବେଳେ ସେମାନଙ୍କୁ ଜ୍ଞାତ ହେଲା ଯେ, ହୁଜୁର ସ.ଅ ଖୈବର୍ ଅଭିମୁଖେ ବାହାରି ଯାଇଛନ୍ତି ସେତେବେଳେ ସେହି ସାହାବିମାନେ ହୁଜୁର ସ.ଅଙ୍କୁ ଯଥା ଶୀଘ୍ର ସାକ୍ଷାତ କରିବାର ବ୍ୟଗ୍ରତା ଯୋଗୁଁ ମଦିନାରେ ଅଟକି ରହିବା ପରିବର୍ତ୍ତେ ଖୈବର୍ ଅଭିମୁଖେ ବାହାରିଗଲେ । ସେମାନଙ୍କ ମଧ୍ୟରେ ଅବୁ ମୁସା ଅଶରୀ ର.ଅ ମଧ୍ୟ ଥିଲେ ଯେ ନିଜ ଜାତିର ୫୦ରୁ ଉର୍ଦ୍ଧ୍ୱ ସାଥୀମାନଙ୍କ ସହିତ ମଦିନାରେ ପହଞ୍ଚି ଯାଇଥିଲେ । ସେମାନଙ୍କ ସହିତ ଦୌସ୍ କବିଲାର କିଛି ଲୋକ ମଧ୍ୟ ଆସି ଯାଇଥିଲେ, ସେମାନଙ୍କ ମଧ୍ୟରେ ଅବୁ ହୁରେରାଃ, ତୁଫେଲ୍ ବିନ୍ ଅମ୍‌ରୋ ଓ ତାଙ୍କର ସାଥୀମାନେ ମଧ୍ୟ ସାମିଲ ଥିଲେ । ଆଉ କବିଲା ଅଶ୍‌ଜାଃର କିଛି ଲୋକ ମଧ୍ୟ ଆସି ଯାଇଥିଲେ । ହୁଜୁର ସ.ଅ ସେସମସ୍ତ ଆଗମନକାରୀଙ୍କୁ ଖୈବର୍‌ରୁ ପ୍ରାପ୍ତ ହୋଇଥିବା ଧନସମ୍ପତ୍ତି ମଧ୍ୟରୁ କିଛି ଅଂଶ ପ୍ରଦାନ କଲେ ।

ହଜରତ ଜାଫର୍ ର.ଅ ଓ ସେମାନଙ୍କ ସାଥୀମାନେ ଅନ୍ୟ ନୌକାରେ ଯାତ୍ରା କରି ମଦିନାରେ ପହଞ୍ଚି ଥିଲେ । ତେଣୁକରି ସେମାନଙ୍କୁ ଅସହାବେ ସଫିନା (ନୌକାବାଲା) କୁହାଯାଉଥିଲା । ସେମାନେ ଦୀର୍ଘ ୧୫ବର୍ଷ କାଳ (ବିଦେଶରେ) ଅତିବାହିତ କରିଥିଲେ ଏବଂ ଏଠାକାର (ଅର୍ଥାତ୍ ମଦିନାର) ମୁସଲମାନ ଅନେକ ଯୁଦ୍ଧ ଲଢ଼ି ସାରିଥିଲେ ଏବଂ ପ୍ରସାବ କରିବାରେ ମଧ୍ୟ ସେମାନଙ୍କ ଠାରୁ (ଅଧିକ) ପୁଣ୍ୟ ଅର୍ଜନ କରି ନେଇଥିଲେ । ତେଣୁକରି ଜ୍ଞାତ ହେଉଛି ଯେ, ସେମାନେ ଆପୋସରେ ପରାମର୍ଶ କଲେ କି ଆମର ବୈଶିଷ୍ଟ୍ୟ ଏହି ପ୍ରବାସକାରୀଙ୍କ ଠାରୁ ଶ୍ରେୟସ୍କର । ଏକଦା ହଜରତ ଜାଫର୍ ର.ଅଙ୍କ ପତ୍ନୀ ହଜରତ ଅସ୍‌ମା ବିନ୍ତ୍ ଅମିସ୍ ର.ଅ, ବିଶ୍ୱାସକାରୀଙ୍କ ମାତା ହଜରତ ହଫ୍‌ସା ର.ଅଙ୍କ ସହିତ ସାକ୍ଷାତ କରିବା ସକାଶେ ଉପସ୍ଥିତ ହେଲେ ସେତେବେଳେ ସେଠାରେ ହଜରତ ଉମର୍ ର.ଅ ମଧ୍ୟ ଉପସ୍ଥିତ ଥିଲେ । ସେ ପଚାରିଲେ ଏହି ମହିଳା ଜଣକ କିଏ ? ପରିଚୟ ମିଳିବା ପରେ ହଜରତ ଉମର୍ ର.ଅ କହିଲେ; ଆମେ ମଦିନା ପ୍ରବାସ କରି ପୁଣ୍ୟ ଅର୍ଜନ କରିବାରେ ତୁମ ଠାରୁ ଆଗକୁ ବଢି ଯାଇଛୁ । ଏହି ଦୃଷ୍ଟିରୁ ଆମେ ତୁମମାନଙ୍କ ଅପେକ୍ଷା ମହାଭାଗଙ୍କର ଅଧିକ ନିକଟତର ।

ଏହା ଶୁଣିବା ପରେ ସେ ରାଗ ଓ କ୍ରୋଧରେ ଜର୍ଜରିତ ହୋଇ ଉଠିଲେ ଏବଂ କହିଲେ; ଅଲ୍ଲାଃଙ୍କ ରାଣ ! ଏପରି କଦାପି ହୋଇପାରିବ ନାହିଁ । ତୁମେମାନେ ତ ହୁଜୁର ସ.ଅଙ୍କ ସାଥିରେ ରହିଥିଲ, ସେ ତୁମର ଭୋକିଲାମାନଙ୍କୁ ଭୋଜନ କରାଉ ଥିଲେ । ଆଉ ତୁମର ସ୍ୱଳ୍ପ ଶିକ୍ଷିତମାନଙ୍କୁ ଉପଦେଶ ଓ ଶିକ୍ଷା ଦାନ କରୁଥିଲେ । ଯେତେବେଳେ କି ଆମେ ସ୍ୱଦେଶରୁ ବହୁ ଦୂରରେ ଅର୍ଥାତ୍ ଶତ୍ରୁ ଦେଶରେ ବାସ କରୁଥିଲୁ । ସେଠାରେ ଆମମାନଙ୍କୁ ବିଭିନ୍ନ ପ୍ରକାରର ଭୟ ଓ ଆତଙ୍କ ଘେରି ରହିଥିଲା । ଆମେ ଏସମସ୍ତ ଦୁଃଖ ଓ ବିରହ ବିଚ୍ଛେଦ କେବଳ ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ସକାଶେ ସହ୍ୟ କଲୁ । ଅଲ୍ଲାଃଙ୍କ ରାଣ ! ମୁଁ ସେପର୍ଯ୍ୟନ୍ତ ଖାଦ୍ୟ ସେବନ କରିବି ନାହିଁ, ଯେପର୍ଯ୍ୟନ୍ତ ଏଥିସଂକ୍ରାନ୍ତରେ ମହାଭାଗଙ୍କୁ ପଚାରି ନନେଇଛି । ତତ୍ ପଶ୍ଚାତ ସେ ନବୀଶ୍ରେଷ୍ଠଙ୍କ ସେବାରେ ଉପସ୍ଥିତ ହୋଇ ସମସ୍ତ ଘଟଣାର ବୃତ୍ତାନ୍ତ କଲେ । ଏଥି ଉତ୍ତାରୁ ନବୀଶ୍ରେଷ୍ଠ କହିଲେ; **ସେମାନେ ତୁମ ଠାରୁ ବଳି ଅଧିକାର ରଖନ୍ତି ନାହିଁ ।** ବରଂ ସେମାନେ ଓ ତାଙ୍କ ସାଥୀମାନେ ତ ଗୋଟିଏ ହିଜ୍‌ରତ (ପ୍ରବାସ) କରିଛନ୍ତି । କିନ୍ତୁ ତୁମେ ନୌକା ଯୋଗେ ହବ୍‌ସା ପ୍ରବାସ କରିବା ଦୁଇଟି ପ୍ରବାସ କରିବା ସଦୃଶ ।

ଏହି ସ୍ଥଳେ ଜଣେ ହବ୍‌ଶି କ୍ରୀତଦାସ ୟସାର୍ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ, ଯାହାଙ୍କ ଶହିଦ୍ ହେବାର ବର୍ଣ୍ଣନା ମିଳୁଅଛି । ଉଲ୍ଲେଖ ମିଳେ ଯେ, ସେ ଖୈବର୍ ଅଞ୍ଚଳର ଜଣେ ବ୍ୟକ୍ତିଙ୍କର ପଶୁ ଚରାଉ ଥିଲେ । ଆଉ ତା' ହୃଦୟରେ ହୁଜୁର ସ.ଅଙ୍କ ପ୍ରତି ଅନୁରାଗ ବସା ବାନ୍ଧିନେଲା । ସେ ନିଜ ଛେଳି ଗୋଠକୁ ଚରେଇବାକୁ ବାହାରିଲା ଇତି ମଧ୍ୟରେ ମୁସଲମାନମାନେ ତାହାକୁ ଧରି ମହାଭାଗଙ୍କ ନିକଟକୁ ଘେନି ଆଣିଲେ ଅଥବା ଆଉ ଏକ ବର୍ଣ୍ଣନାନୁଯାୟୀ ସେ ସ୍ୱୟଂ ନିଜ ଛେଳିଗୁଡ଼ିକୁ ନେଇ ମହାଭାଗଙ୍କ ସେବାରେ ଉପସ୍ଥିତ ହେଲେ । ହୁଜୁରସ.ଅ ତାଙ୍କ ସହିତ କଥା ହେଲେ, ସେ ପ୍ରଶ୍ନ କଲେ; ଯଦି ମୁଁ ଅଲ୍ଲାଃଙ୍କ ଉପରେ ବିଶ୍ୱାସ ନେଇ ଆସେ ତେବେ ମୋତେ କ'ଣ ମିଳିବ ? ପ୍ରତିଉତ୍ତରରେ ପୁଣ୍ୟଶ୍ଲୋକ କହିଲେ; **ଯଦି ତୁମେ ବିଶ୍ୱାସ ଆଣ ତେବେ ତୁମକୁ (ପରକାଳରେ) ବୈକୁଣ୍ଠ ପ୍ରାପ୍ତ ହେବ ।** ପୁନଶ୍ଚ ସେ ପଚାରିଲେ; ହେ ଅଲ୍ଲାଃଙ୍କ ବାର୍ତ୍ତବହ ! ଯଦି ମୁଁ ଶତ୍ରୁ ସହିତ ଯୁଦ୍ଧ ଲଢ଼େ ଏବଂ ଶହିଦ୍ ହୋଇଯାଏ ତେବେ କ'ଣ ମୋତେ ବୈକୁଣ୍ଠ ପ୍ରାପ୍ତ ହେବ ? ପୁଣ୍ୟଶ୍ଲୋକ କହିଲେ; ହଁ ତୁମେ ବୈକୁଣ୍ଠ ଲଭି ନେବ । ସେଥିଅନ୍ତେ ସେ କହିଲେ; ହେ ଅଲ୍ଲାଃଙ୍କ ବାର୍ତ୍ତବହ ! ମୋ ନିକଟରେ ଏହି ଛେଳିଗୁଡ଼ିକ ଅମାନତ ଅଛି, ଏହାର ମୁଁ କ'ଣ କରିବି ? ମହାଭାଗ ଉତ୍ତର ଦେଲେ, ଏଗୁଡ଼ିକୁ ସେନାରୁ ବାହାରକୁ ନେଇଯାଅ ଏବଂ ଖାଲି ପଡିଆରେ ଛାଡ଼ିଦିଅ । ନିଃସନ୍ଦେହରେ ପ୍ରଭୁ ତୁମ ଅମାନତ୍ ତୁମ ନିକଟରୁ ପୈଠ କରିଦେବେ ଅର୍ଥାତ୍ ସେସବୁ ତୁମ ମାଲିକ ନିକଟରେ ପହଞ୍ଚିଯିବେ । ବସ୍ତୁତଃ ଏହିପରି ହିଁ ଘଟିଲା । ମହାମହିମ ହୁଜୁର ଅନଓ୍ୱରଅ.ବ କହିଲେ; ସେହି ଲୋକମାନେ ଯେ ଆପତ୍ତି କରିଥାନ୍ତି ଯେ, ହଜରତ ମୁହମ୍ମଦସ.ଅ ମାଲେ ଗନିମତ୍ (ଯୁଦ୍ଧରେ ଅର୍ଜିତ ସମ୍ପତ୍ତି) ହାସଲ କରିବା ସକାଶେ ଯୁଦ୍ଧ କରୁଥିଲେ, ବିଶେଷ କରି ଖୈବର୍ ଯୁଦ୍ଧ ପ୍ରସଙ୍ଗରେ ଏହି ଆପତ୍ତି କରାଯାଏ ଯେ, ୟହୁଦିମାନଙ୍କ ସମ୍ପତ୍ତି ଲୁଣ୍ଠନ କରିବା ସକାଶେ ମହାଭାଗ ଏହି ଅତ୍ୟାଚାର ଭିଆଇ ଥିଲେ । ଯଦି ଏକଥା ସତ୍ୟ ତେବେ ଯୁଦ୍ଧ ସଙ୍ଘଟିତ ସମୟରେ ଶତ୍ରୁ ପକ୍ଷର ଏକ ଛେଳି ପଲକୁ ଶତ୍ରୁ ଆଡକୁ ଘେଉଡାଇ ଦେବା ଯେତେବେଳେ କି ସାହାବା ଭୀଷଣ କ୍ଷୁଧାରେ ପୀଡ଼ିତ ଥିଲେ, ତାହା ତ ଏକ ମାଗଣା ଉପହାର ସ୍ୱରୂପ ଥିଲା । ଆଉ ମହାଭାଗ ତାହାକୁ ବ୍ୟବହାର କରି ପାରିଥାନ୍ତେ କିନ୍ତୁ ଏପରି ସ୍ଥଳେ ମଧ୍ୟ ହୁଜୁରସ.ଅ ଅମାନତ୍‌ର କର୍ତ୍ତବ୍ୟ ସମ୍ପାଦନ କରି ଛେଳିଗୁଡ଼ିକୁ ଫେରାଇ ଦେବାର ନିଶ୍ଚୟ କରିନେଲେ । ତା'ପରେ ସେହି ବ୍ୟକ୍ତି ଜଣକ ଆଗକୁ ଅଗ୍ରସର ହେଲେ, **ଏପରିକି ଯୁଦ୍ଧ ଲଢ଼ି ଶହିଦ୍ ହୋଇଗଲେ ଯେତେବେଳେ କି ସେ ଗୋଟିଏ ବି ସଜ୍‌ଦା କରି ନଥିଲେ ।**

ଖୈବର୍ ଅବସରରେ କେତେକ ଧର୍ମାଦେଶର ମଧ୍ୟ ବର୍ଣ୍ଣନା ମିଳୁଅଛି । ହଜରତ ଅଲିର.ଅ ବର୍ଣ୍ଣନା କରନ୍ତି, ଗଧ ମାଂସ ସେବନ କରିବା ଓ ଅସ୍ଥାୟୀ ବିବାହ କରିବାରୁ ବାରଣ କରାଯାଇଛି । ଇତି ମଧ୍ୟରେ ଫୁଦକ୍‌ବାସୀ ହୁଜୁର ସ.ଅଙ୍କ ସହିତ ସନ୍ଧି କରି ନେଇଥିବାର ମଧ୍ୟ ବର୍ଣ୍ଣନା ମିଳୁଅଛି ।

ଖୈବର୍‌ର ମାଲେ ଗନିମତ୍ ଓ ତାହାର ବଣ୍ଟନ ସଂକ୍ରାନ୍ତରେ ହଜରତ ଅବୁ ହୁରେରାଃର.ଅ ବର୍ଣ୍ଣନା କରିଛନ୍ତି, ହଜରତ ମୁହମ୍ମଦସ.ଅ ଖୈବର୍‌ରୁ ଅର୍ଜିତ ସମ୍ପତ୍ତିକୁ ମୋଟ ୩୬ଭାଗରେ ବିଭକ୍ତ କରିଥିଲେ । ଆଉ ସେଥିରୁ ଅର୍ଦ୍ଧେକ ଅର୍ଥାତ୍ ୧୮ଭାଗ ମୁସଲମାନମାନଙ୍କ ସକାଶେ ପୃଥକ କରି ଦେଇଥିଲେ । ସେଥିମଧ୍ୟରୁ ପ୍ରତ୍ୟେକ ଭାଗ ଶହେ ଭାଗରେ ଅନ୍ତର୍ଭୁକ୍ତ ଥିଲା ଅର୍ଥାତ୍ ମୁସଲମାନମାନଙ୍କ ସକାଶେ ମୋଟ ୧୮୦୦ଭାଗ ରହିଥିଲା । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କର ଗୋଟିଏ ଭାଗ ମଧ୍ୟ ଅନ୍ୟମାନଙ୍କ ପରି ସମାନ ପରିମାଣର ଥିଲା । ଏତଦ୍ ବ୍ୟତୀତ ବାକି ଅର୍ଦ୍ଧେକ ଅର୍ଥାତ୍ ୧୮ଭାଗକୁ

ପୁଣ୍ୟଶ୍ଲୋକ ଭବିଷ୍ୟତରେ ମୁସଲମାନମାନଙ୍କୁ ସମ୍ମୁଖୀନ ହେବାକୁ ଥିବା ଆବଶ୍ୟକତା ପୂରଣ ଓ ସଙ୍କଟାପର୍ଣ୍ଣ ପରିସ୍ଥିତିର ମୁକାବିଲା କରିବା ପାଇଁ ପୃଥକ କରି ଦେଇଥିଲେ । ଖୈବର୍‌ର ଦୁର୍ଗରୁ ଯେତେବେଳେ ମାଲେ ଗନିମତ୍ ଏକତ୍ରୀତ କରାଗଲା ସେତେବେଳେ ସେଠାରୁ ତୌରାତ୍‌ର କିଛି ପୃଷ୍ଠା ପ୍ରାପ୍ତ ହେଲା, ୟହୁଦିମାନେ ତାହା ସେମାନଙ୍କୁ ଫେରାଇ ଦେବାକୁ ଦାବି କରିବାରୁ ହୁଜୁର[ସ.ଅ] ତାହା ଫେରସ୍ତ କରିବାକୁ ମୁସଲମାନମାନଙ୍କୁ ଆଦେଶ ଦେଲେ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; **ଦେଖ ପୁଣ୍ୟଶ୍ଲୋକଙ୍କର ଧାର୍ମିକ ଉଦାରତା ଓ ଧାର୍ମିକ ଭାବନାର ରକ୍ଷା କରିବା କିପରି ଅସାଧାରଣ ଗୁଣ ଥିଲା ଯେ, ସେମାନଙ୍କ ଧର୍ମଗ୍ରନ୍ଥ ତୌରାତ୍‌କୁ ସୁରକ୍ଷିତ ଭାବରେ ଫେରସ୍ତ କରିଦେବାର ଆଦେଶ ଦେଲେ ।** ଏପରି ନୁହେଁ କି ଆଜିକାଲି ଇସଲାମର ଶତ୍ରୁତା ଯୋଗୁଁ ପବିତ୍ର କୁରଆନକୁ ଜାଳି ଦିଆଯାଉ ।

ଖୈବର୍‌ରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଓ୍ୱାଦି ଉଲ୍ କୁରାର ମଧ୍ୟ ବର୍ଣ୍ଣନା ମିଳୁଅଛି । ହୁଜୁର[ସ.ଅ] ଖୈବର୍ ଜୟ କରିବା ପରେ କିଛି ଦିନ ସେଠାରେ ଅବସ୍ଥାନ କଲେ । ସେଥିଅନ୍ତେ ମୁସଲମାନ ସେନା ସେଠାରୁ ପ୍ରସ୍ଥାନ କରି ଯେତେବେଳେ ଓ୍ୱାଦି ଉଲ୍ କୁରାରେ ପହଞ୍ଚିଲା ସେଠାରେ ୟହୁଦିମାନଙ୍କ ସହିତ ମୁହାଁମୁହିଁ ହେଲା । ହଜରତ ଅବୁ ହୁରେରାଃ[ର.ଅ] ବର୍ଣ୍ଣନା କରନ୍ତି; ଓ୍ୱାଦି ଉଲ୍ କୁରାରେ ହୁଜୁର [ସ.ଅ]ଙ୍କ ସହିତ ଜଣେ ଦାସ ମଦଅମ୍ ମଧ୍ୟ ଥିଲେ । ସେ ମହାଭାଗଙ୍କ ବାହାନର ପାଲିଙ୍କି ଖୋଲୁଥିଲେ ଯେ, ଇତି ମଧ୍ୟରେ ଗୋଟିଏ ତୀର ଆସି ତାହାକୁ ଲାଗିଲା ଏବଂ ସେ ଦେହ ତ୍ୟାଗ କଲା । ଲୋକମାନେ କହିଲେ; ଏହି ଶାହାଦତ୍ ତାହା ପାଇଁ ମଙ୍ଗଳପ୍ରଦ ସାବ୍ୟସ୍ତ ହେଉ । ଏଥିରେ ହୁଜୁର[ସ.ଅ] କହିଲେ; ନା, ସେହି ପରମ ସତ୍ତାଙ୍କ ରାଣ ! ଯାହାଙ୍କ ହସ୍ତରେ ମୋର ଜୀବନ ନାଟିକା ରହିଛି ସେହି ଚଦର ତାହା ସକାଶେ ନିଆଁ ପିଣ୍ଡୁଳା ସାଜି ପ୍ରଜ୍ୱଳିତ ହେଉଅଛି, ଯାହାକି ସେ ଖୈବର୍‌ର ମାଲେ ଗନିମତ୍ ବଣ୍ଟନ ହେବା ପୂର୍ବରୁ ରଖି ନେଇଥିଲା । ଏକଥା ଶୁଣିବା ପରେ ଜଣେ ବ୍ୟକ୍ତି ଚିନ୍ତା କଲା ଯେ, ଏହା ତ ଅତି ଭୟଙ୍କର କଥା ଯେ ଏକ ସାମାନ୍ୟ ଚଦର ଚୋରି କରିନେବା ଯୋଗୁଁ ସେ ନର୍କଗାମୀ ହୋଇଯାଇଛି । ଅତଏବ ସେ ଜୋତାର ଗୋଟିଏ ଅବା ଦୁଇଟି ଫିତା ନେଇ ଆସିଲା ଏବଂ କହିଲା; ହୁଜୁର ଖୈବର୍‌ର ମାଲେ ଗନିମତ୍‌ରୁ ଏହି ଫିତାକୁ ମୁଁ ରଖି ନେଇଥିଲି । ଏଥିରେ ହୁଜୁର[ସ.ଅ] କହିଲେ; ତାହା ଗୋଟିଏ ହେଉ ଅବା ଦୁଇଟି, **ଏହି ତୁଚ୍ଛ ବସ୍ତୁ ହିଁ ତୁମକୁ ନରକା ଅଗ୍ନିକୁ ନେଇଯିବାର କାରଣ ହୋଇଥାଏ ।**

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ହୁଜୁର[ସ.ଅ] ଚାରିଦିନ ପର୍ଯ୍ୟନ୍ତ ଓ୍ୱାଦି ଉଲ୍ କୁରାରେ ଅବସ୍ଥାନ କରିଥିଲେ । ତା'ପରେ ମହାଭାଗ ମଦିନା ଫେରି ଆସିଲେ । ଏହା ପରବର୍ତ୍ତୀ ଘଟଣାବଳୀ ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି । ବର୍ତ୍ତମାନ ମୁଁ କିଛି ମୃତକଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରିବି ଏବଂ ନମାଜ ପରେ ଇନ୍‌ଶାଅଲ୍ଲାଃ ସେମାନଙ୍କ ଜନାଯାଃ ଗାଏବ୍ ମଧ୍ୟ ପାଠ କରାଇବି । **ପ୍ରଥମ** ଚର୍ଚ୍ଚା ମାନନୀୟ ମୌଲାନା ମୁହମ୍ମଦ୍ କରିମୁଦ୍ଦିନ୍ ଶାହିଦ୍ ସାହେବ ସଦର୍ ସଦରଅଞ୍ଜୁମନ୍ ଅହମଦିୟା କାଦିୟାନଙ୍କର ରହିଛି । ବିଗତ ଦିନ ଅର୍ଥାତ୍ ୨୭ ରମଜାନ ଦିନ ୮୭ବର୍ଷ ବୟସରେ ତାଙ୍କର ବିୟୋଗ ହେଲା । ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜିଉନ୍ । ମୃତକ ଜଣେ ମୁସି ବ୍ୟକ୍ତି ଥିଲେ । ତାଙ୍କ ପିତା ବୈଅତ୍ କରି ଜମାଅତରେ ସାମିଲ ହୋଇଥିଲେ । ଚିନ୍ତାକୁଣ୍ଟା (ତେଲେଙ୍ଗାନା) ଜମାଅତର ମାନନୀୟ ସେଟ୍ ମୁହମ୍ମଦ ମଈନୁଦ୍ଦିନ୍ ସାହେବ ତାଙ୍କୁ ଶିକ୍ଷା ହାସଲ କରିବା ସକାଶେ କାଦିୟାନ ପ୍ରେରଣ କରିଥିଲେ । ସେ ମଦ୍ରସା ଅହେମଦିୟାରୁ ୧୯୫୭ମସିହାରେ ଉତ୍ତୀର୍ଣ୍ଣ ହେବା ପରେ ୧୯୬୦ମସିହାରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱ ବିଦ୍ୟାଳୟରୁ ମୌଲବୀ ଫାଜିଲ୍‌ର ପରୀକ୍ଷା ପାସ କରିଥିଲେ । ସେଥିଅନ୍ତେ ସେ ରବଓ୍ୱାର ଜାମିୟାରୁ ଶାହିଦ୍‌ର ଡ଼ିଗ୍ରୀ ହାସଲ କରିଥିଲେ । ଏପରି ଭାରତ ବର୍ଷର ସେ ଶାହିଦ୍‌ର ଡ଼ିଗ୍ରୀ ହାସଲ କରିଥିବା ପ୍ରଥମ ମୁରବୀ ଥିଲେ । କାଦିୟାନରେ ବିଭିନ୍ନ ବିଭାଗରେ ସେବା କରିବାର ତାଙ୍କୁ ସୌଭାଗ୍ୟ ଲାଭ ହୋଇଛି ଏବଂ ଇତି ମଧ୍ୟରେ ସେ ସଦର୍ ସଦରଅଞ୍ଜୁମନ୍ ଅହମଦିୟା କାଦିୟାନର ଦାୟିତ୍ୱ ଭାର ମଧ୍ୟ ବହନ କରିଥିଲେ । ଏତଦ୍ ବ୍ୟତୀତ ଏଡ଼ିଶନାଲ୍ ନାଜିମ୍ ଇରଶାଦ୍ ଓ୍ୱକଫେ ଜଦିଦ୍ ବେରୁନ୍, ସଦର୍ ଅମୁମି, ସଦର୍ ମଜଲିସ୍ ଓ୍ୱକଫେ ଜଦିଦ୍ ଓ ଦୁଇଥର ଜାମିୟାର ପ୍ରିନସପାଲ୍, ସଦର୍ କଜା ମଜଲିସ୍ କାର୍‌ପର୍ଦାଜ୍ ଆଦି ପଦବୀରେ ସେବା କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ପୁନଶ୍ଚ ୨୦୨୧ମସିହାରେ ମୁଁ ତାଙ୍କୁ ସଦର୍ ସଦରଅଞ୍ଜୁମନ୍ ଅହମଦିୟା ମୁତୟନ କରିଥିଲି ଏବଂ ଏହି ପଦବୀରେ ସେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଅଧିଷ୍ଠିତ ରହିଥିଲେ ।

ନାଜିର୍ ସାହେବ ଆଲା କାଦିୟାନ୍ ଉଲ୍ଲେଖ କରିଛନ୍ତି, ମୃତକ ଅତି ସାଧା ସରଳ ସ୍ୱଭାବୀ ଓ ସ୍ୱଳ୍ପରେ ସନ୍ତୁଷ୍ଟ ହେବା ଗୁଣର ଅଧିକାରୀ ଥିଲେ । ଆଉ ଏକଥା ସମ୍ପୂର୍ଣ୍ଣ ସତ୍ୟ, ମୁଁ ମଧ୍ୟ ଦେଖିଛି ଯେ, ମୃତକଙ୍କୁ ଜମାଅତ ତରଫରୁ

ଜୀବନ ନିର୍ବାହ କରିବା ସକାଶେ ଯେଉଁ (ସ୍ୱଳ୍ପ) ବେତନ ମିଳୁଥିଲା ସେହିଥିରେ ଧବଳ ପରିଧାନର ସହିତ ନିଜର ଗୁଜୁରାଣ ମେଣ୍ଟାଉ ଥିଲେ ଏବଂ କରଜ ନେଇ ଖର୍ଚ୍ଚ କରିବାକୁ ଅତ୍ୟନ୍ତ ନାପସନ୍ଦ କରୁଥିଲେ । ତାଙ୍କର ଲେଖା ଅତି ସୁନ୍ଦର ଓ ଉଚ୍ଚକୋଟୀର ଥିଲା । ଯେପର୍ଯ୍ୟନ୍ତ ସୁଦ୍ଧା କମ୍ପୁଟର୍‌ର ଯୁଗ ଆରମ୍ଭ ହୋଇ ନଥିଲା, ସେ ହିଁ ବଦର୍ ଓ ଜମାଅତୀୟ ପୁସ୍ତକ ତଥା ପତ୍ରପତ୍ରିକାରେ ଲେଖିବାର ତାଙ୍କୁ ସୌଭାଗ୍ୟ ଲାଭ ହୋଇଥିଲା । ସେ ଜଣେ ଧୁରନ୍ଧର ବକ୍ତା ଓ ନିପୁଣ ପ୍ରବନ୍ଧ ରଚନାକାରୀ ଥିଲେ । ତାଙ୍କୁ କାଦିୟାନ୍‌ର ବାର୍ଷିକ ଧର୍ମ ସମ୍ମିଳନୀରେ ଓ ଅନ୍ୟାନ୍ୟ ତରବିୟ୍ତି ଜଲ୍‌ସାମାନଙ୍କରେ ଭାଷଣ ଦେବାର ସୁଯୋଗ ମିଳିଥିଲା । କାଦିୟାନରୁ ସିଧା ପ୍ରସାରଣ ହେଉଥିବା ରାହେ ହୁଦା କାର୍ଯ୍ୟକ୍ରମରେ ତାଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରଶ୍ନର ଉତ୍ତର ଦେବାର ସୌଭାଗ୍ୟ ଲାଭ ହୋଇଛି । ସେ ବୃକକ ବ୍ୟାଧିରେ ପୀଡ଼ିତ ଥିଲେ ଏବଂ ବହୁତ ଦୁର୍ବଳ ମଧ୍ୟ ହୋଇଯାଇ ଥିଲେ । ତଥାପି ବେଶ ସାହସିକତାର ସହିତ ନିଜ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ତାଙ୍କର ନମୁନା ବାସ୍ତବରେ ଅନୁକରଣ ଯୋଗ୍ୟ ଥିଲା । ବ୍ୟାଧି ଓ ଦୁର୍ବଳତା ସତ୍ତ୍ୱେ ବେଶ୍ ସାହସ ଓ ନିଷ୍ଠାର ସହିତ କାଦିୟାନ୍‌ର ବାର୍ଷିକ ଧର୍ମ ସମ୍ମିଳନୀ ୨୦୨୪ମସିହା ଉଦ୍‌ଘାଟନୀ ଅବସରରେ ସଭାପତିତ୍ୱ ମଧ୍ୟ କରିଥିଲେ । ଏହିପରି ଚଳିତ ଶୁରା କାର୍ଯ୍ୟକ୍ରମରେ ମଧ୍ୟ ଅଧ୍ୟକ୍ଷତା କରିଥିଲେ । ଅଲ୍ଲାଃତାଲା ତାଙ୍କୁ ଦୀର୍ଘ ୬୨ବର୍ଷ ଜମାଅତର ସେବା କରିବାର ସୁଯୋଗ ପ୍ରଦାନ କରିଛନ୍ତି । ଜୀବନର ଶେଷ ମୁହୂର୍ତ୍ତରେ ନିଜ ପରିବାରବର୍ଗଙ୍କ ନିକଟରେ ଏକଥା ପ୍ରକାଶ କରିଥିଲେ ଯେ, ମୋର ଜନ୍ମ ରମଜାନର ପବିତ୍ର ମାସରେ ହୋଇଥିଲା, ଦେଖିବ ମୋର ଦେହାନ୍ତ ମଧ୍ୟ ରମଜାନ ମାସରେ ହିଁ ହେବ । ଅତଃ ୨୭ ରମଜାନରେ ତାଙ୍କର ମୃତ୍ୟୁ ହେଲା । ସେ ଏକାଧାରାରେ ଜଣେ ପରିଶ୍ରମୀ, ବିନମ୍ର ମଣିଷ ଥିଲେ । ସର୍ବଦା ଏହି ଚେଷ୍ଟା କରୁଥିଲେ ଯେ, ନିଜ କାର୍ଯ୍ୟ ସ୍ୱୟଂ ସମ୍ପନ୍ନ କରିଦିଏ, ଏପରିକି ବ୍ୟକ୍ତିଗତ କାର୍ଯ୍ୟରେ ମଧ୍ୟ ସେ କାହା ଉପରେ ନିର୍ଭର କରୁ ନଥିଲେ । ଜଣେ ବିଦ୍ୱାନ ଓ ଇସଲାମୀୟ ଶିକ୍ଷାର ପାଳନକାରୀ ବ୍ୟକ୍ତିତ୍ୱ ଥିଲେ । ନିଜ ଜୀବନ ଉତ୍ସର୍ଗ କରିବାର ସେ ଯେଉଁ ପ୍ରତିଜ୍ଞା କରିଥିଲେ, ତାହାର ସେ ପୂର୍ଣ୍ଣ ରୂପେ ନିର୍ବାହ କରିଛନ୍ତି । ଅଲ୍ଲାଃତାଲା ବୈକୁଣ୍ଠରେ ତାଙ୍କ ସ୍ତର ଉର୍ଦ୍ଧ୍ୱଗାମୀ କରନ୍ତୁ । ତାଙ୍କର ପ୍ରଥମ ବିବାହ ଶ୍ରୀମତି ଇକ୍‌ବାଲ ବେଗମ୍ ସାହେବାଙ୍କ ସହିତ ହୋଇଥିଲା, ତାଙ୍କ ଔରଷରୁ ମୌଲାନା ସାହେବଙ୍କୁ ଦୁଇଟି ପୁତ୍ର ଓ ଦୁଇଟି କନ୍ୟା ସନ୍ତାନ ଲାଭ ହେଲା । ତାଙ୍କ ନିଧନ ପରେ ସେ ଦ୍ୱିତୀୟ ବିବାହ କରିଥିଲେ । ତାଙ୍କର ପୁତ୍ରପୁତ୍ରୀ ଓ ଜ୍ୱାଇଁଙ୍କୁ ମଧ୍ୟ ଜମାଅତର ସେବା କରିବାର ସାମର୍ଥ୍ୟ ଲାଭ ହୋଇଛି । ଅଲ୍ଲାଃତାଲା ତାଙ୍କ ସନ୍ତାନସନ୍ତତିଙ୍କ ଠାରେ ଧର୍ମସେବା କରିବାର ଭାବନା ଉଜ୍ଜୀବିତ ରଖନ୍ତୁ ।

ସେଥିଅନ୍ତେ ମହାମହିମ ହୁଜୁର ଅନୱ୍ୱର[ଅ.ବ] ଶ୍ରୀମାନ ଅବ୍ଦୁର୍ ରଶିଦ୍ ୟହ୍‌ୟା ସାହେବ ସଦର୍ କଜା ବୋର୍ଡ଼ କାନାଡ଼ା, ମିର୍ଜା ଇମ୍‌ତେୟାଜ୍ ଅହେମଦ ସାହେବ ଅମିର୍ ଜିଲା ହାଇଦ୍ରାବାଦ୍ (ସିନ୍ଧ) ନିବାସୀ, ଶ୍ରୀମାନ ଅଲ୍‌ହାଜ୍ ମୁହମ୍ମଦ ବିଲ୍‌ଅରବୀ ସାହେବ ଉପଦ୍ୱୀପ ନିବାସୀ ଓ ଶ୍ରୀମାନ ମୁହମ୍ମଦ ଅଶରଫ୍ ସାହେବ କୋଟ୍‌ରୀ ଜିଲା ହାଇଦ୍ରାବାଦ୍‌ଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଏବଂ ବୈକୁଣ୍ଠରେ ସେମାନଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ଓ କ୍ଷମା ଯାଚନା ପୂର୍ବକ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

4th April 2025

*Translated to Odia by :* Moulavi Anwar Ahmad Khan